**ନଡ଼ା ବୋଝେଇ ଟ୍ରକ୍‌ରେ ନିଆଁ**

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ସଦର ଥାନା ବେଲଟିକିରି ଗ୍ରାମରେ ରବିବାର ଅପରାହ୍ଣରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ନଡ଼ା ବୋଝେଇ ଟ୍ରକ୍ ଜଳିଯାଇଛି। ଏଥିରେ ଗାଡ଼ିର କିଛିଅଂଶ କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଲୋକେ ନିଆଁ ଲିଭାଇବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲେ। ସୂଚନା ପାଇ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ରାଉରକେଲା ଚାମ୍ପିୟନ



**ଢେଙ୍କାନାଳ ଅଫିସ,୨୫।୧୨:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ଆମ୍ବପଡ଼ା ଖେଳପଡ଼ିଆରେ ରୟାଲ ଟାଇଗର କ୍ଲବ ଆନୁକୂଲ୍ୟରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଢେଙ୍କାନାଳ କସ୍‌ମସ୍‌କୁ ହରାଇ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ଚାମ୍ପିୟନ ହୋଇଛି। ୨୦ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଢେଙ୍କାନାଳ ୭ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ଜବାବରେ ରାଉରକେଲା ୧୬ ଓଭର ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଚାମ୍ପିୟନ ଦଳର ଆଶିଷ ମିତ୍ର 'ମ୍ୟାନ ଅଫ୍ ଦି ମ୍ୟାଚ୍' ଓ 'ମ୍ୟାନ୍ ଅଫ୍ ଦି ସିରିଜ' ବିବେଚିତ ହୋଇଥିଲେ। ଅଜିତ ଶତପଥୀ, ପ୍ରିୟବ୍ରତ ମିଶ୍ର ଅମ୍ପାୟରିଂ କରିଥିବାବେଳେ ସୁଶାନ୍ତ ପଣ୍ଡା, ଶ୍ରୀକୃଷ୍ଣ ପାଣିଗ୍ରାହୀ ସ୍କୋରର ରହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ସାମାଜିକ କର୍ମୀ ଡ. ସୁରେଶ କୁମାର ପଣ୍ଡା, ବ୍ଲକ ଅଧକ୍ଷା ରୀନାରାଣୀ ଖଟୁଆ, ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ଚିନ୍ନରା, ସରପଞ୍ଚ ସୌଭାଗିନୀ ବେହେରା, ସମିତିସଭ୍ୟା ରଶ୍ମିତା ପରିଡ଼ା, ସନ୍ଥପୁର ସରପଞ୍ଚ ବନମାଳୀ ଲେଙ୍କା, ବିଜେଡି ବ୍ଲକ ସଭାପତି ପ୍ରଦୀପ ରାଉତ, ଗ୍ରାମ ସଭାପତି ବିକ୍ରମାଦିତ୍ୟ ପାଣିଗ୍ରାହୀ, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ସାମରିକ କର୍ମଚାରୀ ସଞ୍ଜୟ ସ୍ୱାଇଁ, ପ୍ରଶାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ ହଜାର ଏବଂ ରନର୍ସଅପ୍ ଦଳକୁ କପ୍ ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବହୁ କ୍ରୀଡ଼ାପ୍ରେମୀ ମ୍ୟାଚ୍‌କୁ ଉପଭୋଗ କରିଥିଲେ।

### ମହାବୀର କ୍ରିକେଟ୍: ଢେଙ୍କାନାଳ ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୨୫।୧୨:** ଢେଙ୍କାନାଳ ଜିଲା ଯୋରନ୍ଦାରେ ଚାଲିଥିବା ୨୭ତମ ମହାବୀର କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କଟକ ସ୍ମାଇଲ-୧୧କୁ ହରାଇ ଢେଙ୍କାନାଳ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ୨୦ ଓଭରରେ ଢେଙ୍କାନାଳ ୬ ଉଇକେଟ ହରାଇ ୨୩୦ ରନ୍ କରିଥିଲା। ମୃତ୍ୟୁଞ୍ଜୟ ମାନସିଂ ୧୦୦ ରନ୍ କରିଥିଲେ। ଜବାବରେ କଟକ ୭ ଉଇକେଟ ହରାଇ ମାତ୍ର ୧୫୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମୃତ୍ୟୁଞ୍ଜୟ ଉଭୟ 'ମ୍ୟାନ ଅଫ୍ ଦି ମ୍ୟାଚ୍' ଓ 'ମ୍ୟାନ୍ ଅଫ୍ ଦି ସିରିଜ୍' ବିବେଚିତ ହୋଇଥିଲେ। ରମାକାନ୍ତ ସାହୁ 'ବେଷ୍ଟ ବୋଲର' ଭାବେ ପୁରସ୍କୃତ ହୋଇଥିଲେ। ଭବାନୀ ଶଙ୍କର ଏବଂ ସବ୍ୟସାଚୀ ଶାହା ଅମ୍ପାୟର ରହିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର ସାମଲ, ସମ୍ମାନିତ ଅତିଥି ସରପଞ୍ଚ ଆରତୀ ନାୟକ, ଅଜିତ ସାହୁ, ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରକୃତି କୋଳରେ ମଜ୍ଜିଲେ ପର୍ଯ୍ୟଟକ

**ଢେଙ୍କାନାଳ ଅଫିସ, ୨୫।୧୨**

■ ସପ୍ତଶଯ୍ୟାରେ ୪୦,୦୦୦ ଯାତ୍ରୀଙ୍କ ସମାଗମ
■ ନୃତ୍ୟଗୀତରେ କମ୍ପିଲା ସବୁଜିମା ପରିବେଶ

ସମସ୍ତଙ୍କ ମନରେ ଭରି ରହିଥିଲା ଉତ୍ସାହ। ଶୀତର ସ୍ପର୍ଶରେ ପ୍ରକୃତିରାଣୀ ହସି ଉଠିଥିବାବେଳେ କିଛି ସମୟ ସବୁଜିମାମୟ ପରିବେଶରେ ବିତାଇବାକୁ ଢେର ଦିନରୁ ହୋଇଥିଲା ଯୋଜନା। ଏକା ଦିନରେ ରବିବାର ଆଉ ବଡ଼ଦିନ ପଡ଼ିଥିବାରୁ ଏଭଳି ସୁଯୋଗକୁ ହାତଛଡ଼ା ନ କରି ପରିବାର, ସାଙ୍ଗସାଥୀଙ୍କ ସହ ପ୍ରକୃତି କୋଳରେ ମଜ୍ଜିଯାଇଥିଲେ ପର୍ଯ୍ୟଟକ, ଯାହାକୁ ନେଇ ମୁଖରିତ ହୋଇଉଠିଥିଲା ଢେଙ୍କାନାଳ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ।

ସପ୍ତଶଯ୍ୟାରେ ବଡ଼ଦିନ ଉପଲକ୍ଷେ ଜମିଥିଲା ଅସମ୍ଭାଳ ଭିଡ଼। ରାଜ୍ୟ ତଥା ରାଜ୍ୟ ବାହାରୁ ୪୦,୦୦୦ ପର୍ଯ୍ୟଟକ ସମାଗମରେ ସକାଳୁ ସନ୍ଧ୍ୟା ଯାଏ ଚଳଚଞ୍ଚଳ ହୋଇଉଠିଥିଲା ଏହି ପର୍ଯ୍ୟଟନସ୍ଥଳୀ। 'କରୋନା' କଟକଣା ହଟିବା ପରେ ଦୁଇବର୍ଷ ଅନ୍ତରାଳରେ ପିକ୍‌ନିକ୍ ପାଇଁ ଏଠାରେ ପିଲାଙ୍କଠାରୁ ବୟସ୍କ ଯାଏ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଭୁବନେଶ୍ୱର, କଟକ, ଚୌଦ୍ୱାର, ଖୋର୍ଦ୍ଧା, ବେଗୁନିଆ, ଆଠଗଡ଼, ନରସିଂହପୁର, ବଡ଼ମ୍ବା, ଯାଜପୁର, ଯାଜପୁର ରୋଡ୍, ଅନୁଗୋଳ, ତାଳଚେର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଅଞ୍ଚଳରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥିଲେ। ବହୁ ଯାତ୍ରୀ କପିଳାସର ପ୍ରସିଦ୍ଧ ଶୈବପୀଠରେ ମହାପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉ, ମା' ପାର୍ବତୀ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ ନିକଟବର୍ତ୍ତୀ ପ୍ରାଣୀ ଉଦ୍ୟାନ ବୁଲିବା ସୁଯୋଗ ହାତଛଡ଼ା କରି ନ ଥିଲେ। ଯୋରନ୍ଦା ମହିମାଗାଦି, ସପ୍ତଶଯ୍ୟାସ୍ଥିତ ଶ୍ରୀରାମଚନ୍ଦ୍ର ପୀଠ, ମା' ଜେନାଦେଇ ଠାକୁରାଣୀଙ୍କ ଆସ୍ଥାନ, ଅନନ୍ତଶୟନ, କୁଆଳୋ ଅଷ୍ଟଶମ୍ଭୁ ପୀଠରେ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି କପିଳାସ ପାଦଦେଶରେ ପ୍ରାୟ ୩୦,୦୦୦ ପର୍ଯ୍ୟଟକ ବଣଭୋଜିର ମଜା ନେଇଥିଲେ।



ସପ୍ତଶଯ୍ୟାରେ ନୃତ୍ୟଗୀତର ଆସର।

### ଅଡୁଆ କଲା ପାଣି ଅଭାବ

'ସପ୍ତଶଯ୍ୟା'ରେ ପ୍ରବାହିତ ପ୍ରାକୃତିକ ବନଝରଣା ଶୁଖିଯାଉଛି। ପ୍ରଦୂଷିତ ହୋଇପଡ଼ିଥିବା ପାଣି ବ୍ୟବହାର ଉପଯୋଗୀ ହେଉନାହିଁ। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଖନନ କରାଯାଇଥିବା ନଳକୂପ ଅଚଳ ହୋଇପଡ଼ିଛି। ଫଳରେ ବଡ଼ଦିନ ଛୁଟି କାଟିବାକୁ ଏଠାକୁ ଆସିଥିବା ପର୍ଯ୍ୟଟକମାନେ ପିଇବା ପାଣି ପାଇଁ ଅଡୁଆରେ ପଡ଼ିଥିଲେ। ମହିଳାଙ୍କ ବ୍ୟବହାର ଲାଗି ଶୌଚାଳୟ, ପାର୍କିଂ ବ୍ୟବସ୍ଥା କରାଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଥିଲା। ମୋବାଇଲ ନେଟ୍‌ୱର୍କ ନ ଥିବାରୁ ଯୋଗାଯୋଗ ହୋଇପାରି ନ ଥିଲା। ଏଭଳି ଅବ୍ୟବସ୍ଥା ଲାଗି ପ୍ରଶାସନକୁ ଦାୟୀ କରିଛନ୍ତି କଟକର ଶୁଭଲକ୍ଷ୍ମୀ ସାହୁ, ଚୌଦ୍ୱାରର ସୁମନ୍ତ ସାହୁ ଏବଂ ଢେଙ୍କାନାଳର ରଶ୍ମିତା ସାହୁ। ଆଗକୁ ଇଂଲିଶ ନବବର୍ଷ ଆସୁଥିବାରୁ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।



ସେଲ୍‌ଫି ଉଠାଉଛନ୍ତି ପର୍ଯ୍ୟଟକ।



ସାପୁଆ ଡ୍ୟାମ୍ ବଣଭୋଜି ସ୍ଥଳ ପର୍ଯ୍ୟଟକଙ୍କ ଗାଡ଼ିରେ ଭରପୂର।

## 'ସାପୁଆ'ରେ ଜମିଲା ପିକ୍‌ନିକ୍

**ରାସୋଳ, ୨୫।୧୨(ଡି.ଏନ୍.ଏ.)**

ହିନ୍ଦୋଳ ଉପଖଣ୍ଡ ଦଣ୍ଡିରି ପଞ୍ଚାୟତର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ 'ସାପୁଆ'ରେ ବଡ଼ଦିନ ଉପଲକ୍ଷେ ୫୦୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଜିଲା ତଥା ଜିଲା ବାହାରୁ ଆସିଥିବା ପ୍ରକୃତିପ୍ରେମୀ ପ୍ରକୃତି କୋଳରେ ବିତାଇଥିଲେ ସମୟ। ତେବେ ସାପୁଆରେ ପିଇବା ପାଣି, ବିଶ୍ରାମାଗାର ସୁବିଧା ନ ଥିବାରୁ ଅନେକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଳଭଣ୍ଡାରକୁ ପାହାଚ, ବୋଟିଂ, ଉଦ୍ୟାନ ବ୍ୟବସ୍ଥା କରାଗଲେ ଏହା ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିବ ବୋଲି ଅନେକେ ମତ ଦେଇଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଆଇଆଇସି ବିଜୟ କୁମାର ହାଇବ୍ରୁଙ୍କ ନିର୍ଦ୍ଦେଶରେ ୧୦ ଜଣିଆ ପୋଲିସ ଟିମ୍ ମୁତୟନ ହୋଇଥିଲେ। ଆଗକୁ ନୂଆବର୍ଷ ଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ଆବଶ୍ୟକ ବ୍ୟବସ୍ଥା କରାଯାଉଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ଚାନ୍ଦୁଆ ତିଆରି ତାଲିମ ଶିବିର




ଶିବିରରେ ଅତିଥି ଏବଂ ଶିବିରାର୍ଥୀମାନେ।

**ଢେଙ୍କାନାଳ ଅଫିସ, ୨୫।୧୨**

ଗଁଦିଆ ବ୍ଲକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରିୟ' ଏବଂ ନେହେରୁ ଯୁବକେନ୍ଦ୍ରର ମିଳିତ ସହଯୋଗରେ ଲାଉଲଇଠାରେ ଚାନ୍ଦୁଆ ତିଆରି ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ୨୫ଜଣ ଯୁବତୀଙ୍କୁ ଏଠାରେ ତାଲିମ ଦିଆଯାଉଛି।

ଅତିଥି ଭାବେ ନେହେରୁ ଯୁବକେନ୍ଦ୍ର ଉପନିର୍ଦ୍ଦେଶକ ଅଶୋକ କୁମାର ଦାସ, ସମ୍ମାନିତ ଅତିଥି 'ହିସା'ର ନିରୀକ୍ଷକ ଶଶାଙ୍କ ଶେଖର ମହାପାତ୍ର, ଲାଉଲଇ ସରପଞ୍ଚ ବିଜୟଲକ୍ଷ୍ମୀ ରାଉଳ, ସମିତିସଭ୍ୟା ମୋନାଲିସା ସାହୁ, ବେଗା ସରପଞ୍ଚ ରାହୁଲରାୟ ମହାଲିକ, ଲେଥକା ସରପଞ୍ଚ ଓମ୍‌ପ୍ରକାଶ ଦାସ, ଖଙ୍କିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର କୃଷ୍ଣଚନ୍ଦ୍ର ରାୟ ଯୋଗଦେଇଥିଲେ। ମହିଳାମାନେ ସ୍ୱାବଲମ୍ବୀ ହୋଇ ବିକଶିତ ସମାଜ ଗଠନରେ ସହାୟକ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ 'ପ୍ରିୟ' ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକଙ୍କ ନେତୃତ୍ୱରେ ଉପାନ୍ତ ଅଞ୍ଚଳରେ ଚାଲିଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରାଯାଇଥିଲା। ଇଲନ୍‌ପ୍ରଭା ସେନାପତି, ସ୍ୱାଗତିକା ରାଉତ, ଅନ୍ନପୂର୍ଣ୍ଣା ଧଳ, ରବୀନ୍ଦ୍ର ସାମଲ, ବୈକୁଣ୍ଠ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଯୋଗଦେଲେ ଧର୍ମେନ୍ଦ୍ର, ଗମ୍ଭୀର

**ଢେଙ୍କାନାଳ ଅଫିସ,୨୫।୧୨**

ଢେଙ୍କାନାଳ ସଦର ବ୍ଲକ ପଣ୍ଡିମେଶ୍ୱର ମନ୍ଦିର ନିକଟ ଏକ ପେଟ୍ରୋଲ୍ ପମ୍ପ ପରିସରରେ ରବିବାର ଆୟୋଜିତ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦିଲ୍ଲୀ ଏମ୍‌ପି ତଥା ପୂର୍ବତନ କ୍ରିକେଟର ଗୌତମ ଗମ୍ଭୀର ଏବଂ ବିଧାୟକ ଲଳିତେନ୍ଦୁ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କ ଫଟୋଚିତ୍ରରେ ସମସ୍ତେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ରାଷ୍ଟ୍ରୀୟ ସଦସ୍ୟା ଆୟୁଷୀ ଶ୍ରୀମାଲି, ଜିଲା ଭାଜପା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ନିରୋଜ ନଳିନୀ ମହାଲିକ, ସୀମାଞ୍ଚଳ ଘଡ଼େଇ, ପ୍ରେମାନନ୍ଦ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ନବକିଶୋର ଗୁରୁ, ସନାତନ ବେହେରା, ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ସତ୍ୟରଞ୍ଜନ ଭୂୟାଁଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଯୋଗ ଦେଇଥିଲେ।

## ଶୀତକାଳୀନ କବିତା ଆସର




ଶୀତକାଳୀନ କବିତା ଆସରରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୨୫।୧୨**

ଢେଙ୍କାନାଳ ଜିଲା ଗଁଦିଆସ୍ଥିତ କପିଳାସ କଲେଜ ପରିସରରେ 'ଗଁଦିଆ ଆଞ୍ଚଳିକ ବିକାଶ ମଞ୍ଚ' ତରଫରୁ ଶୀତକାଳୀନ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ତଥା ପୂର୍ବତନ ବ୍ଲକ ଅଧକ୍ଷ ମଳୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଇଂଲିଶ ଅଧ୍ୟାପକ ଗୋଲକ ବିହାରୀ ନାୟକ, ମୁଖ୍ୟ ବକ୍ତା ଗଁଦିଆ ଲେଖକ ପରିଷଦ ସଭାପତି ବୁଦ୍ଧଦେବ ପ୍ରଧାନ, ସମ୍ମାନିତ ଅତିଥି 'ଐରା'ର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

ଅନ୍ତର୍ଯ୍ୟାମୀ ବାରିକଙ୍କ ସଂଯୋଜନାରେ ବସନ୍ତ ରାଉତ ଭଜନ ଗାନ କରିଥିଲେ। ରାମଚନ୍ଦ୍ର ଦାସ ଓ ଦେବରାଜ ଓଝାଙ୍କ ନିର୍ଦ୍ଦେଶନାରେ ବୀଣାପାଣି ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଅଜୟ ନାୟକ, ରାଘବ ମହାରଣାଙ୍କ ସଂଯୋଜନାରେ ଛବିରଞ୍ଜନ ପାଗଡ଼, ରଶ୍ମିତା ରାଉତ, ମଙ୍ଗରାଜ ବାରିକ, ପ୍ରାଣବନ୍ଧୁ ଦାସ, ବିଭୁନାରାୟଣ ଦ୍ୱିବେଦୀ, ଧନେଶ୍ୱର ମହାରଣା, ସୁଶୀଳ ନନ୍ଦ, ପ୍ରକାଶ ରାଉତ, ଅନନ୍ତ ଶତପଥୀ, ରୀନା ସେଠୀ, ପ୍ରାଣବନ୍ଧୁ ରାଉତ, ବସନ୍ତ ରାଉତ, ମନୋଜ ମଞ୍ଜରୀ ଲେଙ୍କା, ଅନିତା ପରିଡ଼ା, ମୁରଲୀ ରାଉତ, ମାଧବ ଚନ୍ଦ୍ର ସାହୁ, ଦେବାଶିଷ ଦେହୁରୀ, ଭ୍ରମରବର ବାରିକ, ସୁବ୍ରତ ସାହୁ, ମଙ୍ଗୁଳି ଚରଣ ବିଶ୍ୱାଳ, ହରିହର ସାହୁ, ପ୍ରମୋଦ ସାହୁ, ଦେବ ସାହୁ, ପ୍ରଦୀପ ସାହୁ, ରାମଚନ୍ଦ୍ର ଦାସ, ମଳୟ ସିଂ, ଅନ୍ତର୍ଯ୍ୟାମୀ ବାରିକ, ଦେବରାଜ ଓଝା, ଆନନ୍ଦ ସାହୁ, ଦୀପ୍ତିଶ ପଟ୍ଟନାୟକ, ବୁଦ୍ଧଦେବ ପ୍ରଧାନ, କୃଷ୍ଣଚନ୍ଦ୍ର ସାହୁ, ସତ୍ୟାନନ୍ଦ ବାରିକ, ମହେନ୍ଦ୍ର ସାହୁ, ପ୍ରେମାନନ୍ଦ ପାଣିଗ୍ରାହୀ ସ୍ୱରଚିତ କବିତା ପାଠ କରିଥିଲେ। ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଜୟ ନାୟକ ଓ ରାଘବ ମହାରଣା ସମୀକ୍ଷା କରିଥିଲେ।

# ଭୁବନକୁ ହରାଇଲା ଭୁବନେଶ୍ୱର

**ଭୁବନ, ୨୫।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ୩୧ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ଗ୍ରୁପ୍-'ବି' ପର୍ଯ୍ୟାୟର ପ୍ରଥମ ଲିଗ୍ ମ୍ୟାଚ୍‌ରେ ଭୁବନକୁ ହରାଇ ଭୁବନେଶ୍ୱର କଳିଙ୍ଗ କ୍ରିକେଟ ଏକାଡେମୀ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ଭୁବନ ପ୍ରଥମେ ବ୍ୟାଟିଂ କରି ମାତ୍ର ୧୧୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ମାତ୍ର ଗୋଟିଏ ଉଇକେଟ ହରାଇ ୧୨୦ ରନ୍ କରି ବିଜୟୀ ହୋଇଥିଲା। ସଞ୍ଜୀବ ସେଠୀ ୪୬ ରନ୍ କରିଥିଲେ। ରାକେଶ ପାଇକରାୟ ୧୫ ରନ୍ କରିବା ସହିତ ୨ଟି ଉଇକେଟ ଅକ୍ତିଆର କରି 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। କୈଳାସ ବେହେରା, ଦ୍ୱିଜେନ୍ଦ୍ର ଘୋଷ ମ୍ୟାଚ୍ ପରିଚାଳନା କରିଥିବାବେଳେ ସୂର୍ଯ୍ୟପ୍ରକାଶ ରାଉତ, ଲକ୍ଷଣ ସାହୁ ଧାରା ବିବରଣୀ ଦେଇଥିଲେ। ସୋମବାର ଭୁବନେଶ୍ୱର ଏବଂ ଭାଇଜାଗ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ।




ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଛି।

# ସାଂସ୍କୃତିକ ବିକାଶ ପାଇଁ ଉଦ୍ୟମ ପ୍ରଶଂସନୀୟ




ସପ୍ତଶଯ୍ୟା ମହୋତ୍ସବର ଉଦ୍‌ଯାପନୀ ଅବସରରେ ଅତିଥିଗଣ ଓ ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିମାନେ।

**ଢେଙ୍କାନାଳ ଅଫିସ, ୨୫।୧୨**

### ସପ୍ତଶଯ୍ୟା ମହୋତ୍ସବ ଉଦ୍‌ଯାପିତ

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ 'ଦେବାଂଶୀ ଡ୍ୟାନ୍ସ ଏକାଡେମୀ' ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଦୁଇଦିନ ଧରି ଚାଲିଥିବା ସପ୍ତଶଯ୍ୟା ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ଜିଲାର କଳାସଂସ୍କୃତି ବିକାଶରେ ସାଂସ୍କୃତିକ, ନୃତ୍ୟାନୁଷ୍ଠାନଗୁଡ଼ିକର ଉଦ୍ୟମ ପ୍ରଶଂସନୀୟ। ଏହି ଧାରା ଆଗକୁ ଜାରି ରହୁ ବୋଲି ଏମ୍‌ପି ଆଶାବ୍ୟକ୍ତ କରିଛନ୍ତି।

ଅନୁଷ୍ଠାନର ସଭାପତି ଶାନ୍ତି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟ ଶାସନ ସଚିବ ମନ୍ମଥ କୁମାର ରାଉତ, ସୂଚନା ଓ ପ୍ରସାରଣ ବିଭାଗର ପୂର୍ବତନ ନିର୍ଦ୍ଦେଶକ ସୁଶୀଲ କୁମାର ଦାସ, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ମାତୃପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିଆରା ଲୋକସଂସ୍କୃତି ଢେଙ୍କାନାଳ ଜିଲାକୁ ଏକାଠି କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଅଭିନୟରେ କୁନି ମିଶ୍ର, ସଙ୍ଗୀତରେ ଡ. ବିଜୟ କୁମାର ଜେନା, ଓଡ଼ିଶୀ ନୃତ୍ୟରେ ଚିତ୍ତରଞ୍ଜନ ଆଚାର୍ଯ୍ୟ, ପୂର୍ଣ୍ଣଶ୍ରୀ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଖ୍ୟାତନାମା ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ରାଜଶ୍ରୀ ପ୍ରହରାଜଙ୍କୁ 'ସପ୍ତଶଯ୍ୟା ୟୁଥ୍ ଆଇକନ ଆୱାର୍ଡ' ପ୍ରଦାନ କରାଯାଇଥିଲା। ନୃତ୍ୟ ଏବଂ ଅଭିନୟରେ ଏଏନ୍‌ପି ଲୋପାମୁଦ୍ରା, ସାଂସ୍କୃତିକ ସଙ୍ଗଠକ ଭାବେ କବି ଅଭୟ କୁମାର ସାହୁଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଜିଲାକୁ ଗୌରବାନ୍ୱିତ କରିଥିବା ସନ୍ଦୀପ ଷଡ଼ଙ୍ଗୀ, ରାସବିହାରୀ ନାଥ, ଶ୍ରୀନିବାସ ବେହେରା ସମ୍ବର୍ଦ୍ଧିତ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ପ୍ଲଟ ଦେବାକୁ କହି ଠକେଇ

ଅନୁଗୋଳ ଅଫିସ, ୨୫।୧୨: ଅନୁଗୋଳ ଥାନା ଅଞ୍ଚଳରେ ଜାଗା ବିକ୍ରି କରିବାକୁ କହି ଟଙ୍କା ଠକେଇ ହୋଇଛି। ଏ ନେଇ ଅନୁଗୋଳ ଥାନାରେ ଶିମିଳିପଡ଼ା ଅଞ୍ଚଳର ରମାକାନ୍ତ ସାହୁ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୯୭/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ରେଙ୍ଗାଳି ଡ୍ୟାମ୍ ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ଦାସ ଏବେ ଭୁବନେଶ୍ୱରରେ ରହୁଛନ୍ତି। ସେ ତୁରଙ୍ଗରେ ଥିବା ତାଙ୍କର ୩୬ ଡିସିମିଲ ଜାଗା ବିକ୍ରି କରିବେ ବୋଲି ରମାକାନ୍ତଙ୍କୁ କହିଥିଲେ। ଏ ନେଇ ମଧ ପ୍ରଶାନ୍ତ ବିଭିନ୍ନ ପର୍ଯ୍ୟାୟରେ ୯ ଲକ୍ଷ ୭୭ ହଜାର ଟଙ୍କା ରମାକାନ୍ତଙ୍କ ଠାରୁ ନେଇଥିଲେ। ହେଲେ ଟଙ୍କା ନେବା ପରେ ଆଉ ଜାଗା ବିକ୍ରି କରୁନାହାନ୍ତି। ଏପରି କି ପ୍ରଶାନ୍ତ, ତାଙ୍କ ସ୍ତ୍ରୀ ଓ ୪ ଉଭଣୀ ଗାଳିଗୁଲଜ କରୁଛନ୍ତି। ଏ ନେଇ ରମାକାନ୍ତ ଥାନାର ଦ୍ୱାରସ୍ଥ ହେବା ପରେ ମାମଲା ରୁଜୁ ସହ ତଦନ୍ତ କରାଯାଉଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଚୋରି ଅଭିଯୁକ୍ତ ଗିରଫ

ଅନୁଗୋଳ ଅଫିସ, ୨୫।୧୨: ତାଳଚେର କୋଲିୟାରୀ ଥାନା ବନବାସପୁର ଗ୍ରାମର ଗୋକୁଳାନନ୍ଦ ବାରୁହାଙ୍କ ଟାଟା ଏସିଇରୁ ବ୍ୟାଟେରି ଚୋରି ଅଭିଯୋଗରେ ପୋଲିସ ବଣ୍ଟରପାଳ ଥାନା ଅଞ୍ଚଳର ଅଜିତ କୁମାର ନାଏକଙ୍କୁ ଗିରଫ କରିଛି। ପୋଲିସ କହିଛି, ଗୋକୁଳାନନ୍ଦ ତାଙ୍କ ଗାଡ଼ି (ନଂ. ଓଡି୦୫ ଏଲ ୫୨୫୦)ରେ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ନେଇ ବାଘବାସପୁର ଅଞ୍ଚଳରେ ଛାଡ଼ିଥିଲେ। ଗାଡ଼ିଟିକୁ ଲାଇଟ୍ ତଳେ ରଖିଥିଲେ। ଏହି ସମୟରେ କେତେଜଣ ଯୁବକ ଆସି ଗାଡ଼ିରୁ ବ୍ୟାଟେରି ଚୋରି କରୁଥିଲେ। ସ୍ଥାନୀୟ ଲୋକମାନେ ଅଜିତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଗୋକୁଳାନନ୍ଦଙ୍କ ଅଭିଯୋଗ ଆଧାରରେ ନଂ. ୬୯୨/୨୨ରେ ମାମଲା ରୁଜୁ କରାଯାଇଛି।

# ଓଡ଼ିଶାରୁ ଭଲ କ୍ରିକେଟର ବାହାରନ୍ତୁ: ଗମ୍ଭୀର

## ଅନ୍ତର୍ଜାତୀୟସ୍ତରର ଷ୍ଟାଡିୟମ ପାଇଁ ସଂକଳ୍ପ ନେବାକୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

ଅନୁଗୋଳ ଅଫିସ, ୨୫।୧୨

ଅନୁଗୋଳ ନୁହେଁ, ଓଡ଼ିଶାରୁ ଭଲ କ୍ରିକେଟର ବାହାରନ୍ତୁ। ଦେଶର ନାମ ଗର୍ବିତ କରନ୍ତୁ। ଅନୁଗୋଳ ଜିଲା କ୍ରିକେଟ ସଂଘ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଅନୁଗୋଳ କପ୍‌ର ଉଦ୍‌ଯାପନୀ ଉତ୍ସବରେ ରବିବାର ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ସଦସ୍ୟ ତଥା ପୂର୍ବଦିଲ୍ଲୀର ଏମ୍‌ପି ଗୌତମ ଗମ୍ଭୀର। ସେହିପରି ଅତିଥି ଭାବେ ଉପସ୍ଥିତ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳରେ ଏକ ଅନ୍ତର୍ଜାତୀୟସ୍ତରର ଷ୍ଟାଡିୟମ ନିର୍ମାଣ ନିମନ୍ତେ ଜିଲାବାସୀ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି।

ଫାଇନାଲ ମ୍ୟାଚର ଅତିଥି ହେବାକୁ ଗୌତମ ଗମ୍ଭୀର ଆସୁଥିବା ଜାଣି ସକାଳୁ କଦମ ପଡ଼ିଆରେ ଦର୍ଶକଙ୍କ ଭିଡ଼ ଜମିବା ଆରମ୍ଭ ହୋଇଥିଲା। ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସହ ଗମ୍ଭୀର ପହଞ୍ଚିବା ମାତ୍ରେ ତାଙ୍କୁ ଦେଖିବାକୁ ଠେଲାପେଲା ଆରମ୍ଭ ହୋଇଯାଇଥିଲା। ଦର୍ଶକମାନେ ମଞ୍ଚ ନିକଟକୁ ଧସେଇ ପଶିବାରୁ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସକୁ ଶେଷରେ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା। ଏହାପରେ ପଡ଼ିଆକୁ ପୋଲିସ ସମ୍ପୂର୍ଣ୍ଣ ଘେରି ରହିବା ପରେ ଗମ୍ଭୀର ଓ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ପଡ଼ିଆ ମଧ୍ୟକୁ ଯାଇ ଅନୁଗୋଳ କ୍ରିକେଟ କ୍ଲବ ଏବଂ କଟକ ୟୁନିୟନ୍ ସ୍ପୋର୍ଟିଂର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ତେବେ କାର୍ଯ୍ୟବ୍ୟସ୍ତତା କାରଣରୁ ମ୍ୟାଚ ଶେଷ ଭାଗ ପର୍ଯ୍ୟନ୍ତ ଗମ୍ଭୀର ରହିପାରି ନ ଥିଲେ। କିନ୍ତୁ ଯିବା ପୂର୍ବରୁ ହୃଦୟର ସହ ଭଲପାଇବା ପାଇଥିବାରୁ ଗମ୍ଭୀର ମଞ୍ଚ ଉପରୁ ଅନୁଗୋଳବାସୀଙ୍କ ନିକଟରେ ଋଣୀ ବୋଲି କହିଥିଲେ। ଅନୁଗୋଳ କ୍ରିକେଟ୍ ଆସୋସିଏଶନକୁ ସାଧୁବାଦ ଜଣାଇବା ସହ ଫାଇନାଲ ମ୍ୟାଚ୍ ଖେଳୁଥିବା ୨ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ଯେଉଁ ଦଳ ଭଲ ପ୍ରଦର୍ଶନ କରିବ, ସେ ନିଶ୍ଚିତ ବିଜୟୀ ହେବ ବୋଲି କହି ଗମ୍ଭୀର ବିଦାୟ ନେଇଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାରେ ଖେଳ ପ୍ରତି ଯୁବବର୍ଗଙ୍କ ମଧ୍ୟରେ ବହୁତ ଆସକ୍ତି ଅଛି। ତେଣୁ ଏଠାରେ ଏକ ଅନ୍ତର୍ଜାତୀୟ ସ୍ତରର କ୍ରିକେଟ୍ ଷ୍ଟାଡିୟମ ନିର୍ମାଣ କରିବା ସହ ଅନ୍ୟାନ୍ୟ କ୍ରୀଡାଭିତ୍ତିକ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ଜିଲାର ଲୋକମାନେ ସଂକଳ୍ପ କରିବା ଉଚିତ୍। ସଂକଳ୍ପ କଲେ ହିଁ ଏହି ଲକ୍ଷ୍ୟ ଆଗକୁ ଯିବାର ବାଟ ଦେଖାଇବ। ଷ୍ଟାଡିୟମ ନିର୍ମାଣ ହେବା ଦ୍ୱାରା ଜିଲାର ପିଲାମାନଙ୍କ ମଧ୍ୟରେ ଖେଳ ପ୍ରତି ଆଗ୍ରହ ବଢ଼ିବ। ଏଥିସହ ଆଗାମୀ ଦିନରେ ଅନୁଗୋଳ ଜିଲାରେ ରଣଜୀ ଟ୍ରଫିର ବ୍ୟବସ୍ଥା କରିବା ପାଇଁ ରାଜ୍ୟ କ୍ରିକେଟ ସଂଘ(ଓସିଏ)କୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ୍‌ର ସମ୍ପାଦକ ସଞ୍ଜୟ ବେହେରା କହିଥିଲେ, ଆଗାମୀ ଦିନରେ ଅନୁଗୋଳ ଜିଲାକୁ ବିସିସିଆଇ ଭେନ୍ୟୁ କରିବାକୁ ଉଦ୍ୟମ କରାଯିବ। ଅନୁଗୋଳରେ କ୍ରିକେଟ୍ ଏକାଡେମୀ କରାଯାଇଛି। ତେବେ ଖେଳାଳିଙ୍କ ପାଇଁ ଡ୍ରେସିଂ ରୁମ୍ କରାଗଲେ ବିସିସିଆଇର ମ୍ୟାଚ ଖେଳାଯାଇପାରିବ। ଏହି ଅବସରରେ ଅନୁଗୋଳ ଜିଲାର ୪୦ଟି କ୍ରିକେଟ୍ କ୍ଲବ୍‌କୁ କ୍ରିକେଟ ଉପକରଣ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଅନୁଗୋଳ ଜିଲା କ୍ରିକେଟ ସଂଘର ସମସ୍ତ ସଦସ୍ୟ ଓ ଅନୁଗୋଳ କପ୍ ୨୦୨୨ର ସମସ୍ତ ଆୟୋଜକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନୁଗୋଳ ଜିଲାରୁ ଓଡ଼ିଶା ପାଇଁ ଖେଳୁଥିବା ଖେଳାଳିଙ୍କୁ ମଧ ସମ୍ମାନିତ କରାଯାଇଥିଲା।


ଚାମ୍ପିୟନ କଟକର ୟୁନିୟନ ସ୍ପୋର୍ଟିଂ ଟିମ୍‌କୁ ଅତିଥି ଟ୍ରଫି ଓ ଚେକ୍ ପ୍ରଦାନ କରୁଛନ୍ତି।


ଉଦ୍‌ଯାପନୀ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।


ଫାଇନାଲ ମ୍ୟାଚ ଦେଖିବାକୁ କଦମ ପଡ଼ିଆରେ ଦର୍ଶକଙ୍କ ପ୍ରବଳ ଭିଡ଼।

## ଶ୍ରମିକନେତା ଦ୍ୱାରିକା ମୋହନଙ୍କ ପରଲୋକ

ତାଳଚେର, ୨୫।୧୨(ନି.ପ୍ର.)

ବରିଷ୍ଠ ଶ୍ରମିକ ନେତା, ଢେଙ୍କାନାଳ ଦତ୍ତାତ୍ରେୟ ସାଇ ଆଶ୍ରମର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଦ୍ୱାରିକା ମୋହନ ମିଶ୍ରଙ୍କ ରବିବାର ରାତି ୯ଟା ୪୫ଟାରେ ତାଳଚେର ରେମୁଆଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ପରଲୋକରେ ରାଜ୍ୟର ଶ୍ରମିକ ସଙ୍ଗଠନ ମହଲରେ ଶୋକର ଛାୟା ଖେଳିଯାଇଛି।

ଛାତ୍ର ଜୀବନରୁ ଶ୍ରମିକ ଆନ୍ଦୋଳନ ସହିତ ଜଡ଼ିତ ଥିବା ଦ୍ୱାରିକା ମୋହନ ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ଧରି କୋଇଲା, ଗମନାଗମନ, ଶକ୍ତି, ନିର୍ମାଣ, ସାର କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କୁ ସଙ୍ଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ବିଭିନ୍ନ ସମୟରେ ରାଜ୍ୟ ଶ୍ରମ ବୋର୍ଡ ପରାମର୍ଶଦାତା କମିଟି ସଦସ୍ୟ, ବିଦ୍ୟୁତ୍ ବୋର୍ଡ ପରାମର୍ଶଦାତା କମିଟି ସଭ୍ୟ ଭାବେ ମନୋନୀତ ହୋଇଥିବାବେଳେ ରାଜ୍ୟ ହସ୍ତତନ୍ତ ଉନ୍ନୟନ ସଂସ୍ଥା ଅଧ୍ୟକ୍ଷ, ଅନୁସୂଚିତ ଜାତି କଲ୍ୟାଣ କର୍ପୋରେଶନ ଅଧ୍ୟକ୍ଷ ଏବଂ ଓଡ଼ିଶା ଗୃହ ନିର୍ମାଣ ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ଏଥିସହିତ ସେ ପ୍ରଦେଶ କଂଗ୍ରେସ ଶ୍ରମ ସେଲ୍ ଆବାହକ, ପ୍ରଦେଶ କଂଗ୍ରେସ କମିଟି ବୁଦ୍ଧିଜୀବୀ ସେଲ୍ ଅଧ୍ୟକ୍ଷ ଭାବେ ମଧ ଦାୟିତ୍ୱ ନିର୍ବାହ କରିଥିଲେ। ଜଣେ ସାଇ ଅନୁଗାମୀ ଭାବେ ସେ ରାଜ୍ୟ ତଥା ରାଜ୍ୟ ବାହାରେ ବେଶ୍ ପରିଚିତ ଥିଲେ। ତାଙ୍କ ରଚିତ 'ଶ୍ରୀ ଦତ୍ତସାଇ ମହିମା', ଶ୍ରଦ୍ଧା ସବୁରି ଓ ସହନଶୀଳତା ପୁସ୍ତକ ଇଂଲିଶ ଭାଷାରେ ଅନୂଦିତ ହୋଇ ପାଠକୀୟ ଆଦୃତି ଲାଭ କରିଛି। ସେ 'ଶ୍ରମିକ ଗୌରବ', 'ସାହିତ୍ୟ ଗୌରବ', 'ଉତ୍କଳ ବନ୍ଧୁ', 'ଉତ୍କଳ କେଶରୀ ସ୍ମାରକ', 'ପ୍ରତିଭା ପୂଜା' ପୁରସ୍କାର ଭଳି ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଶାନ୍ତିବର୍ଦ୍ଧନ ମିଶ୍ର, ବଡ଼ବୋହୂ ଜାନକୀ ମିଶ୍ର, ସାନପୁଅ ଜୟବର୍ଦ୍ଧନ ମିଶ୍ର, ସାନବୋହୂ ମୋନାଲିସା ମିଶ୍ରଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ତାଙ୍କ ସହଧର୍ମିଣୀ ଆହ୍ଲାଦିନୀ ମିଶ୍ରଙ୍କର ୨୦୧୮ ଡିସେମ୍ବର ୨୪ରେ ପରଲୋକ ଘଟିଥିଲା।


ଦ୍ୱାରିକା ମୋହନ ମିଶ୍ର

## ମହିଷମର୍ଦ୍ଦିନୀଙ୍କ ବାର୍ଷିକ ଯାତ୍ରା ସମ୍ପନ୍ନ

ଛେଣ୍ଡିପଦା,୨୫।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଗ୍ରାମର ମା'ମହିଷାମର୍ଦ୍ଦିନୀଙ୍କ ବାର୍ଷିକ ପୂଜା ଉତ୍ସବ ଓ ଯାତ୍ରା ରବିବାର ଗ୍ରାମବାସୀଙ୍କ ସହଯୋଗରେ ଧୁମଧାମରେ ପାଳିତ ହୋଇଯାଇଛି। ପ୍ରଥମେ ମା'ଙ୍କୁ ଗ୍ରାମେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଗ୍ରାମବାସୀଙ୍କ ସହାୟତାରେ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇ ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜକ ଦିବାକର ଦେହୁରୀ ଓ ପର୍ଶୁରାମ ଦେହୁରୀ ପୂଜାନୀତି ସମ୍ପାଦନ କରିଥିଲେ। ଏହି ପୂଜା ଦେଖିବାକୁ ପ୍ରାୟ ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ୧୫୦ରୁ ଊର୍ଦ୍ଧ୍ୱ ମାନସିକଧାରୀ ମହିଳା ଅଧିଆ ପଡ଼ିଥିବା ଦେଖାଯାଇଥିଲା। ସନ୍ତରାବନ୍ଧ ଗ୍ରାମ ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ଭୁବନ ଗଡତିଆ, ପୂର୍ବତନ ସଭାପତି ନିରଞ୍ଜନ ସାହୁ, ପୂର୍ବତନ ସମ୍ପାଦକ ଚୌଧୁରୀ ପ୍ରଧାନ, ମନ୍ଦିର କମିଟି ସଭାପତି ଜଗବନ୍ଧୁ ପ୍ରଧାନ, ଶିକ୍ଷକ ବିଜୟ କୁମାର ସାହୁ, ହୃଦାନନ୍ଦ ସାହୁ, ଭୋଜରାଜ ସାହୁ, ଦୀପକ ପ୍ରଧାନ, ରୁଦ୍ର ପ୍ରଧାନ, ଶକ୍ତିକ୍ଷେତ୍ରର ସଭ୍ୟ ଶିବାନନ୍ଦ ସାହୁ, ରଞ୍ଜନ ସାହୁ, ମଳୟ ପ୍ରଧାନ, ଅଗସ୍ତୀ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ଉତ୍କଳମଣି ସେବା ସଂଘ ସଭାପତି କ୍ଷୀରମୋହନ ପ୍ରଧାନ ଓ ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, କିଶୋର ଚନ୍ଦ୍ର ସାହୁ, ମନୋଜ ସାହୁ, ଜଗବନ୍ଧୁ ପ୍ରଧାନ ପ୍ରମୁଖ ଅନ୍ନଭୋଗ ପ୍ରଦାନ କରିଥିଲେ। ଶକ୍ତିକ୍ଷେତ୍ରର ପ୍ରେମାନନ୍ଦ ସାହୁଙ୍କ ନେତୃତ୍ୱରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସମାରୋହ, ଲଉଡି, ଦାଣ୍ଡିଆ, ଆଦିବାସୀ ନୃତ୍ୟ ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। ଛେଣ୍ଡିପଦା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରାଯାଇଥିଲା।


ମା'ଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଛି।

## କୃତ୍ରିମ ଜଳପ୍ରପାତ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

ଛେଣ୍ଡିପଦା,୨୫।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ପର୍ଯ୍ୟଟନକ୍ଷେତ୍ର ମା' ବାୟାଣୀ ପୀଠରେ ନିର୍ମାଣ କରାଯାଇଥିବା କୃତ୍ରିମ ଜଳପ୍ରପାତ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁମିତ୍ରା ସାହୁ, ପାତ୍ରପଡା ସରପଞ୍ଚ ରଶ୍ମିତା ପ୍ରଧାନ, ଜିଲାପରିଷଦ ସଦସ୍ୟ ନଗେନ ପ୍ରଧାନ, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ବାଘଦରୀ ମଠ ନିକଟରେ ଏହି ଜଳପ୍ରପାତକୁ ଉଦ୍‌ଘାଟନ କରିଥିଲେ। ଏହି ଜଳପ୍ରପାତକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ପ୍ରାୟ ବହୁ ଜନସାଧାରଣଙ୍କ ଭିଡ ଜମିଥିଲା। ବାଘଦରୀ ମଠକୁ ରାସ୍ତା ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ବେହେରା ପ୍ରକାଶ କରିଥିଲେ। ପୂର୍ବତନ ସରପଞ୍ଚ ସୌଭାଗ୍ୟ ପ୍ରଧାନ, ପାତ୍ରପଡା ଗ୍ରାମ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଯଦୁମଣି ସାହୁ, ମୋହନ ଚନ୍ଦ୍ର ସାହୁ, ବୀରବର ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ବାନାମ୍ବର ସାହୁ, ଭଜମନ ସାହୁଙ୍କ ସମେତ ଗ୍ରାମର ବହୁ ଭଦ୍ରବ୍ୟକ୍ତି ଉପସ୍ଥିତି ଥିଲେ।

## 'ଭାରତୀୟ ସଂସ୍କୃତିର ମୂଲ୍ୟବୋଧ ଜାଣନ୍ତୁ ଛାତ୍ରୀଛାତ୍ର'

ତାଳଚେର, ୨୫।୧୨ (ଡି.ଏନ.ଏ.)

ତାଳଚେର ବ୍ଲକ ବଡ଼ଯୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ମାୟାଧର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି କିଶୋର ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗ ଦେଇଥିବା ବେଳେ ମାର୍ଗଦର୍ଶକ ଭାବେ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ଅତିଥି ଭାବେ ହିଙ୍ଗୁଳା କ୍ଷେତ୍ର ମହାପ୍ରବନ୍ଧକ ଅରୁଣ କୁମାର ସ୍ୱର୍ଣ୍ଣକାର ଓ ଜିଲା ପରିଷଦ ସଦସ୍ୟ ଅମୀୟ ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମ୍ପାଦିକା ପୁଷ୍ପିତା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ମାର୍ଗଦର୍ଶକ ସ୍ୱାମୀ ସଚ୍ଚିଦାନନ୍ଦ ସରସ୍ୱତୀ ମହାରାଜ ପ୍ରଚଳିତ ଶିକ୍ଷା ସହ ପ୍ରାଚୀନ ଭାରତୀୟ ସଂସ୍କୃତିର ମୂଲ୍ୟବୋଧକୁ ପ୍ରତ୍ୟେକ ଛାତ୍ରୀଛାତ୍ର ଜାଣିବା ଆବଶ୍ୟକ ବୋଲ କହିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଚାର୍ଯ୍ୟ ପ୍ରଦ୍ୟୁମ୍ନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟା ସ୍ୱାଗତିକା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତଗୁରୁମା, ଗୁରୁଜୀ, ପରିଚାଳନା ସମିତି ସଦସ୍ୟା, ସଦସ୍ୟ ଓ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିଥିଲେ।


ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ୨୦ ବସ୍ତା ଧାନ ଜଳିଗଲା

ଛେଣ୍ଡିପଦା,୨୫।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ବାଲିପଟା ଗ୍ରାମରେ ନିଆଁଲାଗି ୨୦ ବସ୍ତା ଧାନ ଓ ପାଳ ଭାଡି ପାଉଁଶ ହୋଇଯାଇଛି। ଗ୍ରାମର ସୁଧାକର ସାହୁ ଅମଳ ଧାନ ଖଳାରେ ରଖିଥିବା ବେଳେ କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ଧାନ ପୋଡ଼ି ଛାରଖାର ହୋଇଯାଇଥିଲା। କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର

ଛେଣ୍ଡିପଦା,୨୫।୧୨(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା କୁକୁରପେଟା ପ୍ରୋଜେକ୍ଟ ନିକଟସ୍ଥ କରଡାବାହଳ ରାସ୍ତା ବୁଲାଣିରେ ରବିବାର ଏକ ମୋଟରସାଇକେଲ ବିଦ୍ୟୁତ୍ ଖୁଣ୍ଟରେ ପିଟିହେବା ଯୋଗୁ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ହାଣ୍ଡିଗୁଡା ଗ୍ରାମର ପ୍ରିୟବ୍ରତ ବେହେରା ଓ ଟେଣ୍ଟୁଲୋଇ ଗ୍ରାମର ଅମରେଶ ସାହୁ। ପ୍ରିୟବ୍ରତ, ଅମରେଶ ଓ ଟେଣ୍ଟୁଲୋଇ ବାଲିଝରଣ ଗ୍ରାମର ବାଦଲ ନାଏକ ମୋଟରସାଇକେଲରେ ଯାତ୍ରା ଦେଖି ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ୨ ଗୁରୁତରଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି।

# କଟକ, ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ


ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

## ରାଜ୍ୟ କବାଡ଼ି ଚାମ୍ପିୟନଶିପ୍ ଉଦ୍‌ଯାପିତ

ଅନୁଗୋଳ ଅଫିସ, ୨୫।୧୨

ଅନୁଗୋଳ ଜିଲା ପ୍ରଶାସନ ଓ ଓଡ଼ିଶା କବାଡ଼ି ସଂଘ ପକ୍ଷରୁ ଅନୁଗୋଳ ବିଜୁ ମଇଦାନଠାରେ ଆୟୋଜିତ ୭୦ତମ ରାଜ୍ୟ କବାଡ଼ି ଚାମ୍ପିୟନଶିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଚାମ୍ପିୟନଶିପ୍‌ରେ ପୁରୁଷ ବିଭାଗରେ କଟକ ଓ ମହିଳା ବିଭାଗରେ ଇଷ୍ଟକୋଷ୍ଟ ରେଲୱେ ଚାମ୍ପିୟନ ହୋଇଛନ୍ତି।

ପୁରୁଷ ବିଭାଗରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ କଟକ ୩୬-୧୪ ପଏଣ୍ଟରେ ସୋନପୁରକୁ ହରାଇ ବିଜୟୀ ହୋଇଥିଲା। ସେହିଭଳି ମହିଳା ବିଭାଗରେ ଇଷ୍ଟକୋଷ୍ଟ ରେଲୱେ ୩୧-୨୧ ପଏଣ୍ଟରେ ଭୁବନେଶ୍ୱରର କିଟ୍‌କୁ ହରାଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଓଡ଼ିଶା କବାଡ଼ି ସଂଘ ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ପଞ୍ଚାୟତ ଦାୟିତ୍ୱରେ ନାଏବ ସରପଞ୍ଚ

**କଣିହାଁ, ୨୫।୧୨ (ଡି.ଏନ.ଏ.):** କଣିହାଁ ବ୍ଲକ କର୍ଣ୍ଣପାଳ ସରପଞ୍ଚ ପଦବୀ ଅବିଧେୟ ଓ ଖାଲିଥିବା ନେଇ କୋର୍ଟଙ୍କ ନିର୍ଦ୍ଦେଶ ପରେ ଶନିବାର ନାଏବ ସରପଞ୍ଚ ମଞ୍ଜୁଲତା ରାଉତଙ୍କୁ



ପ୍ରଶାସନ ପକ୍ଷରୁ ପଞ୍ଚାୟତର ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ସାହୁ ନାଏବ ସରପଞ୍ଚ ଦାୟିତ୍ୱ ମଞ୍ଜୁଲତାଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଗତ ଫେବୃୟାରୀରେ ହୋଇଥିବା ତ୍ରିସ୍ତରୀୟ ନିର୍ବାଚନରେ କର୍ଣ୍ଣପାଳ ପଞ୍ଚାୟତରେ ହୃଷୀକେଶ ସାମଲ ବିଜେତା ଘୋଷିତ ହୋଇ ସରପଞ୍ଚ ଆସନରେ ବସିଥିଲେ। ତେବେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜଳଧର ସାମଲ ଭୋଟ ଗଣତିରେ ତ୍ରୁଟି ନେଇ ଅଭିଯୋଗ କରିବା ସହିତ ଅଦାଲତର ଆଶ୍ରୟ ନେଇଥିଲେ। ଏହାର ଶୁଣାଣି କରି ଗତ ୧୭ ତାରିଖରେ ଅଦାଲତ କର୍ଣ୍ଣପାଳ ସରପଞ୍ଚ ପଦବୀକୁ ଅବିଧେୟ ଓ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ତାଳଚେର ଉପଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ପଞ୍ଚାୟତ ପରିଚାଳନା ନିମନ୍ତେ ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ ଦିଆଯାଇଛି। ପରବର୍ତ୍ତୀ ଉପ ନିର୍ବାଚନ ପର୍ଯ୍ୟନ୍ତ ସେ ଦାୟିତ୍ୱ ତୁଲାଇବେ।

# ଦାବି ସ୍ଥାନରେ ହେଉନି ପୋଲ ନିର୍ମାଣ

### ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି

**ମାଧପୁର, ୨୫।୧୨**

ଆଠମଲ୍ଲିକ ବ୍ଲକ ଟୁସର ପଞ୍ଚାୟତର ସୀମାନ୍ତରେ ଥିବା କେରାଣ୍ଡିଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲେ ମଧ ଏହାକୁ ନେଇ ସନ୍ତୁଷ୍ଟ ନୁହଁନ୍ତି କେତୋଟି ବାସୀ। ସେମାନେ ଦାବି କରୁଥିବା ସ୍ଥାନରେ ପ୍ରଶାସନ ପୋଲ ନିର୍ମାଣ ନ କରି ଅନ୍ୟତ୍ର କରିବାକୁ ନିଷ୍ପତ୍ତି ନେଇଥିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ସ୍ଥିର କରିଛନ୍ତି।

ଟୁସର ପଞ୍ଚାୟତ ବାଜପୁର ଗ୍ରାମରେ ଅନୁଷ୍ଠିତ ଏହି ବୈଠକରେ ୧୦ ଗୋଟି ଗ୍ରାମର ଲୋକେ ଏକଜୁଟ ହୋଇଥିଲେ। ଗୟାଚାନ୍ଦ ପ୍ରଧାନ ସଭାପତିତ୍ୱ କରିଥିଲେ। ବୈଠକରେ କୁହାଯାଇଥିଲା ଯେ, ଟୁସର ପଞ୍ଚାୟତର ବାଜପୁର, ଗୁଆପଦା, ଭଣ୍ଡାରୀମୁଣ୍ଡା, ଜଗନ୍ନାଥପୁର,



ବୈଠକରେ ମିଳିତ ହୋଇଥିବା ଗ୍ରାମବାସୀ।

ଭେଜିଡିହ, ଟୁସର, ବହଳବେଡା, ଭାଙ୍ଗମଳିହା, ବିଜାମଳିହା ଓ ଝୁଡ଼ଙ୍ଗମାଳ ଗ୍ରାମବାସୀ କେରାଣ୍ଡି ନାଳ ପାରିହୋଇ ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକର କାଙ୍କଣପଡ଼ା ବଜାର, ଡାକ୍ତରଖାନା, କଲେଜ, ସ୍କୁଲ ଆଦିକୁ ଯାତାୟାତ କରିଥାନ୍ତି। ଏପରି କି ନାଳରେ ପୋଲ ନ ଥିବାରୁ ରୋଗୀଙ୍କୁ ଖଟରେ ବୋହି ନିଆଯାଇଥାଏ। ଛାତ୍ରୀଛାତ୍ରମାନେ ମଧ ନାଳ ପାଣି ଭିତରେ ପଶି ରେଢ଼ାଖୋଲ କଲେଜକୁ ଯାଇଥାନ୍ତି। ତେଣୁ ଏହି ନାଳ ଉପରେ ପୋଲ ନିର୍ମାଣ ପାଇଁ ୨୦୧୮ ମସିହାରୁ ଦାବି କରାଯାଉଛି। ପୋଲ ନିର୍ମାଣ ନିମନ୍ତେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଓ ପୂର୍ବତନ ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ ଗତ ପଞ୍ଚାୟତ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୋଲ ନିର୍ମାଣ ପାଇଁ ମାଟି ପରୀକ୍ଷା କରାଯାଇଛି। ହେଲେ ଗ୍ରାମବାସୀ ନିର୍ଣ୍ଣୟ କରିଥିବା ସ୍ଥାନ ପରିବର୍ତ୍ତେ ଅନ୍ୟତ୍ର କରାଯାଉଥିବାରୁ ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ତାଳଚେର ୟୁଥ୍ ସ୍ପୋର୍ଟିଂ ଟିମ୍ ବିଜୟୀ



ପ୍ରତିଯୋଗିତାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

**କଣିହାଁ, ୨୫।୧୨ (ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ପଞ୍ଚାୟତ ମିନି ଷ୍ଟାଡିୟମଠାରେ ଶନିବାର ସମଲ ବ୍ୟାରେଜ ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ତହସିଲଦାର ପତିତପାବନ ଦେବତା, ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା, ଜ୍ୟୋତ୍ସ୍ନାମୟୀ ଗଡ଼ନାୟକ, ସାମାଜିକ କର୍ମୀ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ସମିତିସଭ୍ୟ ଦେବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟିତ ଲିଗ ମ୍ୟାଚରେ ଦେବଗଡ଼ ଜିଲା ଅଞ୍ଚଳର ଟିମ୍‌କୁ ହରାଇ ତାଳଚେର ୟୁଥ ସ୍ପୋର୍ଟିଂ ଟିମ୍ ବିଜୟୀ ହୋଇଛି। ଏହି ଟୁର୍ନାମେଣ୍ଟରେ ବାହ୍ୟ ଜିଲା ଓ ଅନ୍ତଃ ଜିଲାର ୮ଟିମ୍ ଭାଗନେବେ। ଏହା ଆସନ୍ତା ଶନିବାର ଉଦ୍‌ଯାପିତ ହେବ ବୋଲି କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି

**ବଁଅରପାଳ, ୨୫।୧୨ (ଡି.ଏନ.ଏ.)**

ଆମ ପୁରାଣ ଆମ ସଂସ୍କୃତିର ଆସନ୍ତା ୬ ତାରିଖରେ ପ୍ରତିଷ୍ଠା ଦିବସ ପାଳିତ ହେବ। ଏ ନେଇ କୁମଣ୍ଡଠାରେ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ମାନସ କର ଏଥିରେ ସଭାପତିତ୍ୱ କରିଥିଲେ। ଦିବସକୁ କିଭଳି ଶାନ୍ତିଶୃଙ୍ଖଳା ଭାବେ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଞ୍ଚାଳକ ଦିଲୀପ ଦାସ, ସମ୍ପାଦକ ହେମନ୍ତ ଦାସ, ସଂଗଠନ ସମ୍ପାଦକ ବାମଦେବ ସେଠ, ସଂଯୁକ୍ତା ସାହୁ, ତ୍ରିନାଥ ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନିୟମିତ କ୍ରୀଡ଼ା ଅଭ୍ୟାସ ପାଇଁ ପରାମର୍ଶ



ରୟାଲ ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡ଼ା।

**ଢେଙ୍କାନାଳ ଅଫିସ, ୨୫।୧୨**

ଢେଙ୍କାନାଳ ସହର ଉପକଣ୍ଠ ରଞ୍ଜା କଳାପାଣି ଛକସ୍ଥିତ ରୟାଲ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ୩ ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ସମ୍ମାନିତ ଅତିଥି ବିଦ୍ୟାଳୟ ପ୍ରତିଷ୍ଠାତା ଅକ୍ଷୟ କୁମାର ମହାନ୍ତି, ଗଣମାଧ୍ୟମ ପ୍ରତିନିଧି ଗଙ୍ଗାଧର ରାଉତ ଯୋଗଦେଇ କ୍ରୀଡ଼ାର ଉପାଦେୟତା, ଏହାର ବିକାଶରେ ଅଭିଭାବକ ଏବଂ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ନିୟମିତ କ୍ରୀଡ଼ା ଅଭ୍ୟାସ ଜାରି ରଖିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଯିଶୁ

**ଢେଙ୍କାନାଳ ଅଫିସ, ୨୫।୧୨**

ଢେଙ୍କାନାଳ ବାପ୍‌ଟିଷ୍ଟ ଚର୍ଚ୍ଚରେ ଆନନ୍ଦ ଉଲ୍ଲାସର ସହ ବଡ଼ଦିନ ପାଳିତ ହୋଇଯାଇଛି। ଏହିଅବସରରେ ନୃତ୍ୟଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସଭାପତି ଅମରେନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଯିଶୁ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ଆଲୋଚନା କରିଥିଲେ। ବରଗଡରୁ ଆଚାର୍ଯ୍ୟ ମହୀପାଲ୍ ବାଗ, ସଭାପତି ପ୍ରେମାନନ୍ଦ ବିହାରୀ, ସାଧାରଣ ସମ୍ପାଦକ ରବୀନ୍ ଚନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଅଭୟାନନ୍ଦ ବିହାରୀ, ସହ ସମ୍ପାଦକ ଦେବାଶିଷ ବିହାରୀ, ସହ କୋଷାଧ୍ୟକ୍ଷ ଡାନିଏଲ୍ ଘୋଷ ପ୍ରମୁଖ ସହଯୋଗ କରିଥିଲେ।

ସେହିପରି ଉତ୍ପୁନା କାର୍ଯ୍ୟାଳୟରେ ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତାରେ ବଡ଼ଦିନ ଉପଲକ୍ଷେ ଆଲୋଚନାଚକ୍ର



ଆଲୋଚନା କାର୍ଯ୍ୟକ୍ରମରେ ଉତ୍ପୁନାର କାର୍ଯ୍ୟକର୍ତ୍ତାବୃନ୍ଦ।

ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୂର୍ବତନ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଯୋଗଦେଇ, ଯିଶୁଙ୍କ ମହତ୍ ବାଣୀ, ତ୍ୟାଗମୟ ଜୀବନ ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ଉପସଭାପତି ଭିକାରି ଚରଣ ରାଉତ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ବଡ଼ଦିନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ, ଇଂ. ଡମ୍ବରୁଧର ପଣ୍ଡା, ପୂର୍ବତନ ମୁଖ୍ୟଯନ୍ତ୍ରୀ ଅକ୍ଷୟ ଶତପଥୀ, ପୂର୍ବତନ ସେନା କର୍ମଚାରୀ ବିପିନ ବେହେରା, ଦେବପ୍ରସାଦ ମିଶ୍ର, ରୁଦ୍ର ପ୍ରକାଶ ଶରଣ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ଦିଲୀପ ନନ୍ଦ, ସରୋଜ ଶତପଥୀ, ଇଂ. ଅବିନାଶ ଦାସ ପରିଚାଳନା କରିଥିଲେ।

## 'ଜୈବିକ କୃଷି ପଦ୍ଧତି ଆପଣାଅ'

**ଢେଙ୍କାନାଳ ଅଫିସ, ୨୫।୧୨**

ଢେଙ୍କାନାଳ ସଦର ବ୍ଲକ ଶଙ୍କରପୁର ପଞ୍ଚାୟତରେ ଆରୋଗ୍ୟମ୍ ଯୋଗ ଓ ୱେଲ୍ ଫେୟାର ଆସୋସିଏଶନ୍ (ଆଇୱା) ପକ୍ଷରୁ ଜାତୀୟ କୃଷକ ଦିବସ ଶନିବାର ପାଳନ କରାଯାଇଛି। ସରପଞ୍ଚ ରବୀନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଚାଷୀ, ଏସ୍‌ଏଚ୍‌ଜି ସଦସ୍ୟ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ଢେଙ୍କାନାଳ କୃଷି ଜିଲା ଅଧିକାରୀ ଜ୍ୟୋତିଦୀପ୍ତ ପଟ୍ଟନାୟକ ଉପସ୍ଥିତ ରହି ବିଭିନ୍ନ କୃଷିଭିତ୍ତିକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜୈବିକ ପଦ୍ଧତିରେ ଚାଷ ପ୍ରଣାଳୀ ଆପଣାଇବାକୁ ପରାମର୍ଶ ଦିଆଯାଇଥିଲା। ଆଇୱାର ନିର୍ଦ୍ଦେଶିକା ଅନସୂୟା ମିଶ୍ର, କର୍ମୀ ପ୍ରଭାସ ଚନ୍ଦ୍ର ପାଢ଼ୀ, ତୃପ୍ତିମୟୀ ଦେବୀ, ନିବେଦିତା ସାହୁ, ମନସ୍ୱିନୀ ମିଶ୍ର, ତୟୁବ୍ ଅନସାରୀ ପ୍ରମୁଖ ସହଯୋଗ କରିଥିଲେ।




ଜାତୀୟ କୃଷକ ଦିବସ ପାଳିତ।

## ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଟମାଟୋ ବୋହିନେଲେ



ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନରୁ ସ୍ଥାନୀୟ ଲୋକେ ଟମାଟୋ ନେଇଯାଉଛନ୍ତି।

**ବଇଣ୍ଡା, ୨୫।୧୨ (ଡି.ଏନ.ଏ.)**

କିଶୋରନଗର ଥାନା ଦେଇ ଯାଇଥିବା କଟକ–ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଭାଙ୍ଗମୁଣ୍ଡାଠାରେ ଏକ ପିକଅପ୍ ଭ୍ୟାନ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଗାଡି ଚାଳକ ଓ ହେଲପର ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଘଟଣାରୁ ଜଣାପଡିଛି, ଏକ ପିକ୍‌ଅପ୍ ଭ୍ୟାନ ଟମାଟୋ ବୋଝେଇ କରି ସମ୍ବଲପୁରରୁ କଟକ ଅଭିମୁଖେ ଆସୁଥିବାବେଳେ ଭାରସ୍ୟାମ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ କିଛି ଲୋକ ସମସ୍ତ ଟମାଟୋ ବୋହି ନେଇଥିବା ଜଣାପଡିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଅନନ୍ତ ଡିଏଭିରେ ପଲ୍ଲୀକବିଙ୍କ ଜୟନ୍ତୀ

**ତାଳଚେର, ୨୫।୧୨ (ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଅନନ୍ତ ବିହାର ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଜ୍ୟୋତି ମିଶ୍ର ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଲ୍ଲୀକବିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଛାତ୍ର ଅନିକେତ ସାହୁ ବକ୍ତୃତା ପ୍ରସ୍ତୁତ କରିଥିଲେ। ଛାତ୍ରୀ ଅଭୀପ୍ସା ଶ୍ୱେତପୂର୍ଣ୍ଣା ଏବଂ ଛାତ୍ର କ୍ରିଷ୍ଣା କୁମାର ପ୍ରଧାନ କବିତା ଆବୃତ୍ତି କରିଥିଲେ। ପରେ ସଚେତନଧର୍ମୀ ଲଘୁ ନାଟକ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକ କରୁଣାକର ସାହୁ ପଲ୍ଲୀକବିଙ୍କ ଜୀବନୀ ତଥା ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ମଞ୍ଚାସୀନ ଅଛନ୍ତି।

ପିଲାମାନେ ନନ୍ଦକିଶୋରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ମଞ୍ଜରୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ବଇଣ୍ଡା କପ୍ ଉଦ୍‌ଘାଟିତ

**ବଇଣ୍ଡା, ୨୫।୧୨ (ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଶନିବାର ବଇଣ୍ଡା କପ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବଇଣ୍ଡା କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ନାଏବ ସରପଞ୍ଚ ସୁମନ୍ତ ବେହେରା, ପୁରାତନ ଫୁଟବଲ ଖେଳାଳି ଶନୁ ବେହେରା ଯୋଗଦେଇଥିଲେ। ପ୍ରଥମ ଦିନରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଜେସିବି କ୍ଲବକୁ ହରାଇ ବିସିସିବି ବଇଣ୍ଡା ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଫେୟାର ଇଲେଭେନ କ୍ଲବକୁ ହରାଇ ହଣ୍ଡପା କ୍ଲବ ବିଜୟୀ ହୋଇଛି। ଏହି ମ୍ୟାଚ ଗୁଡିକକୁ ସରୋଜ ସାହୁ, ବାଳକୃଷ୍ଣ ସ୍ୱାଇଁ, ବାବୁ ପ୍ରଧାନ, ସୌମ୍ୟରଞ୍ଜନ ବେହେରା ପରିଚାଳନା କରିଥିଲେ। ଏହି ମ୍ୟାଚରେ ଶିବୁ ମହାପାତ୍ର, ସଂଗ୍ରାମ ସାହୁ, ପ୍ରଭାତ ଜେଣ୍ଣ, ବାଦଲ ମହାନ୍ତି ସହଯୋଗ କରିଥିଲେ।



ପ୍ରତିଯୋଗିତାକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ଜିଲା ଘୋଷଣା ସମ୍ପର୍କରେ ଆଲୋଚନା

**ମାଧପୁର, ୨୫।୧୨**

ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଠମଲ୍ଲିକ ଉପଖଣ୍ଡକୁ ଜିଲା ଘୋଷଣା ଦାବିରେ ଆଠମଲ୍ଲିକ ବିକାଶ ମଞ୍ଚ ତରଫରୁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ପୀତାମ୍ବର ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ମଞ୍ଚ ଉପସଭାପତି ରମାନନ୍ଦ ପାଣିଗ୍ରାହୀ, ସମ୍ପାଦକ ଆଇନଜୀବୀ ଭବାନୀ ପ୍ରସାଦ ଜ୍ୟୋତିଷରାୟ, ମଞ୍ଚ କାର୍ଯ୍ୟକାରୀ ସଦସ୍ୟ ଦେବେନ୍ଦ୍ର ପ୍ରଧାନ, ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ଅବସରପ୍ରାପ୍ତ ରେଞ୍ଜର ଚିତ୍ତରଞ୍ଜନ ପ୍ରଧାନ, ସଞ୍ଜୀବ ନାରାୟଣ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ସୁବଳ ପଣ୍ଡା, ଘାଷିନାଥ ବିଶ୍ୱାଳଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଯୁବସମାଜ ସାମିଲ ଥିଲେ। ଆଠମଲ୍ଲିକକୁ ଜିଲା ମାନ୍ୟତା ଏବଂ ମାଧପୁରକୁ ବ୍ଲକ ଘୋଷଣା କରିବାକୁ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା।

## ଠିକା କର୍ମଚାରୀଙ୍କ ସମସ୍ୟା ସମାଧାନ ଦାବି




ବୈଠକରେ ସଂଘ ସଦସ୍ୟମାନେ।

**ଢେଙ୍କାନାଳ ଅଫିସ, ୨୫।୧୨**

ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଶାଖାର ବାର୍ଷିକ ସାଧାରଣ ସଭା ଅମର ପ୍ରତାପ ସିଂଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦିବଂଗତ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ପରେ ଠିକା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏହାର ସମାଧାନ ଲାଗି କେନ୍ଦ୍ରୀୟ ନେତୃମଣ୍ଡଳୀ ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି। ଠିକା କର୍ମଚାରୀଙ୍କୁ ସ୍ଥାୟୀ ମାନ୍ୟତା ଦେବା ଲାଗି ମହାସଂଘର ପଦକ୍ଷେପକୁ ପ୍ରଶଂସା କରାଯାଇଛି। ଉପସଭାପତି ପଙ୍କଜ ତ୍ରିପାଠୀ, ସର୍କଲ୍ ସେକ୍ରେଟାରି ପ୍ରାଣବନ୍ଧୁ ମହାନ୍ତି, ସମ୍ପାଦକ ବିକାଶ ସାହୁ, ସୁରେନ୍ଦ୍ର ଦାଶ, ମୃତ୍ୟୁଞ୍ଜୟ ପ୍ରଧାନ, ସଙ୍ଗଠନ ସମ୍ପାଦକ ବିଜୟ ଭୁଜବଳ, ସହସମ୍ପାଦକ ଉପେନ୍ଦ୍ର ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସମୀର ନାୟକ ଧନ୍ୟବାଦ ଦେଇଥିଲେ।

# ଉଚ୍ଚ ସ୍ୱପ୍ନକୁ ସାକାର କର

### ବାଳିକା ସଶକ୍ତୀକରଣ ମିଶନର ଶୀତକାଳୀନ ଅଧିବେଶନ

**କଣିହାଁ, ୨୫।୧୨ (ଡି.ଏନ.ଏ.)**

ଏନ୍‌ଟିପିସି କଣିହାଁର ବାଳିକା ସଶକ୍ତୀକରଣ ମିଶନ 'ଜେମ୍'ର ଶୀତକାଳୀନ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ୭ଦିନ ଧରି ଚାଲିବ। କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଏସ୍ ସୁନ୍ଦରମ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପାୱାରପ୍ଲାଣ୍ଟର ବିଭିନ୍ନ ବିଭାଗର ମୁଖ୍ୟ ପଦାଧିକାରୀ, ବିଭିନ୍ନ ସଂଘର ପ୍ରତିନିଧି, ମହିଳା ସଂଘ ତନଭୀ ସଙ୍ଗମର ଉପସଭାନେତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଧିବେଶନରେ ଆଖପାଖ ୨୩ ବିଦ୍ୟାଳୟର ଷଷ୍ଠଶ୍ରେଣୀର ୧୦୬ ଜଣ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଛାତ୍ରୀମାନେ ଉଚ୍ଚ ସ୍ୱପ୍ନ ଦେଖି ଏହାକୁ କଠିନ ପରିଶ୍ରମ ମାଧ୍ୟମରେ ସାକାର କରିବାକୁ ସୁନ୍ଦରମ ପରାମର୍ଶ ଦେଇଥିଲେ। ଛାତ୍ରୀମାନଙ୍କ ଶୈକ୍ଷିକ, ସାମାଜିକ, ଆବେଗିକ ଉନ୍ନତି ସମେତ ସାମଗ୍ରିକ ବିକାଶ ପାଇଁ ପଦକ୍ଷେପ ନିଆଯାଉଛି। ସେହିପରି ଛାତ୍ରୀମାନଙ୍କୁ ସାମାଜିକ ବିଜ୍ଞାନ, ଗଣିତ, ବିଜ୍ଞାନ, ଓଡ଼ିଆ, ଚିତ୍ରକଳା, ଗୀତ, ନୃତ୍ୟ ଆଦି ଶିକ୍ଷା ଦିଆଯାଉଛି। ଗତ ଜୁନ୍ ମାସରେ ଏନ୍‌ଟିପିସି କଣିହାଁ ପକ୍ଷରୁ ୨୩ ବିଦ୍ୟାଳୟର ଛାତ୍ରୀଙ୍କୁ ନେଇ ଜେମ୍ ତାଲିମ ଅନୁଷ୍ଠିତ ହୋଇଥିଲା।




ବାଳିକା ସଶକ୍ତୀକରଣ ମିଶନ 'ଜେମ୍'ର ଶୀତକାଳୀନ ଅଧିବେଶନରେ ଅତିଥିଙ୍କ ସହ ଛାତ୍ରୀମାନେ।

